ଶନିବାର, ୦୩ ଅଗଷ୍ଟ, ୨୦୨୪

# ପିଲାଙ୍କ ଧରିତ୍ରୀ



# ସାଙ୍ଗ ହେବ ତ ଏମିତି



ଗପ

ଭାଲୁ ଓ ବିଲୁଆ ଦୁଇ ସାଙ୍ଗ । କେହି କାହାରିକୁ ଘଡିଏ ଛାଡି ରହିପାରନ୍ତି ନାହିଁ । ଉଭୟ ପଡ଼ୋଶୀ ହୋଇଥିବାରୁ ସକାଳୁ ସଞ୍ଜ ଯାଏ ଏକାଠି ବୁଲିବା ସହ ଶିକାର ଖୋଜିବାକୁ ଯାଆନ୍ତି ଓ ଫେରନ୍ତି।

ଭାଲୁ ଓ ବିଲୁଆଙ୍କ ସାଙ୍ଗପଣିଆ ଦେଖି ବାଘର ଈର୍ଷା ହେଲା । ସେ ମନେମନେ ଚିନ୍ତା କଲା ଏ ଦୁଇଜଣଙ୍କୁ ଅଲଗା କରିବା। ସେଥିପାଇଁ ଏକ ଉପାୟ ପାଞ୍ଚିଲା । ଦିନେ ଭାଲୁ ଓ ବିଲୁଆ ଦୁହେଁ ଜଙ୍ଗଲରେ ବୁଲୁଥିବା ସମୟରେ ବାଘ ଯାଇ ସେମାନଙ୍କ ପାଖରେ ପହଞ୍ଚିଗଲା ଓ କହିଲା ବୁଝିଲ ବିଲୁଆଭାଇ ଆଜି ସିଂହ ରାଜାଙ୍କ ଝିଅ ବାହାଘର ହେଉଥିଲା । ଭୋଜିରେ ପେଟଭରି ଖାଇଲି ଆଉ ମୋ ସାଙ୍ଗ ପାଇଁ ଏଇ ଖାଦ୍ୟ ପୁଟୁଳି ନେଇ ଯାଉଛି । ଜଙ୍ଗଲର ସବୁ ପଶୁପକ୍ଷୀଙ୍କୁ ନିମନ୍ତ୍ରଣ ହୋଇଛି । ତୁମେ ଯାଉନ, ସେଠି ଖାଇବ ଓ ଭାଲୁଭାଇ ପାଇଁ ଖାଦ୍ୟ ଆଣି ଆସିବ। ବାଘ ହାତରେ ଥିବା ପୁଟୁଳି ଦେଖି ବିଲୁଆ ବଡବଡ ଆଖି କରି ଚାହିଁଲା । ତା'ପରେ ବିଲୁଆ ଲୋଭ ସମ୍ଭାଳି ନ ପାରି ଏକ ମୁହାଁ ହୋଇ ଚାଲିଲା ସିଂହ ଗୁମ୍ଫା ଆଡକୁ । ବାଘ ଭାବିଲା ମୋ ଚାଲାକି କାମ କରିଛି ।

ବିଲୁଆ ଚାଲିଯିବା ପରେ ବାଘ ଚାଲିଲା ଭାଲୁ ପାଖକୁ। କହିଲା ବୁଝିଲ ଭାଲୁଭାଇ ବିଲୁଆ ତ ଚାଲିଗଲା। ଏବେ ତୁମର ପାଳି। ଭାଲୁ କହିଲା ମୁଁ ବୁଝିପାରିଲିନି । ବାଘ ଏକ ରଡି ଛାଡି କହିଲା ମୁଁ ତୋତେ ଏବେ ଆହାର କରିବି । ଏହା କହି ଭାଲୁ ଉପରକୁ ଝାମ୍ପ ମାରିଲା ବେଳକୁ ବିଲୁଆ ଆସି ଭାଲୁ ପାଖରେ । ବିଲୁଆ ବଡ ପାଟିରେ ହୁକେ ହୋ ରଡି ଛାଡିବାରୁ ଆଖପାଖରେ ଥିବା ଶହେ ବିଲୁଆ ସଙ୍ଗେ ସଙ୍ଗେ ବାଘ ଚାରିପାଖରେ ଘେରିଗଲେ । ବାଘ ଏତେ ବିଲୁଆଙ୍କୁ ଦେଖି ଛାନିଆଁ । ଦୁଇ ବନ୍ଧୁଙ୍କୁ ଅଲଗା କରିବା, ମିଛ କହିବା ଓ ଭାଲୁକୁ ମାରି ଖାଇବାକୁ ଯୋଜନା କରିଥିବାରୁ ବାଘକୁ ଦଣ୍ଡିତ କଲେ ସିଂହରାଜା ।

ବିଲୁଆକୁ ଭାଲୁ ପଚାରିଲା ଆଚ୍ଛା ସାଙ୍ଗ ତୁମେ ତ ସିଂହରାଜା ଘରକୁ ଭୋଜି ଖାଇବାକୁ ଯାଇଥିଲ, ପୁଣି ଫେରିଆସିଲ କେମିତି ? ବିଲୁଆ କହିଲା ଏବେ ତ ବାହାଘର ତିଥି ନାହିଁ । ବିନା ତିଥିରେ ବାହାଘର ସିଂହ ରାଜା କରିବେ ନାହିଁ । ଆଉ ସିଂହରାଜାଙ୍କ ସହିତ ମୋର ଘନିଷ୍ଠତା ରହିଛି । କାରଣ ମୁଁ ତ ତାଙ୍କର ଗୁପ୍ତଚର । ସେ ମୋତେ କେମିତି ବାହାଘରକୁ ନିମନ୍ତ୍ରଣ କଲେ ନାହିଁ । ଏମିତି ଅନେକ କଥା ମନକୁ ଆସିବା ପରେ ଭାବିଲି ବାଘମାମୁର ପ୍ରକୃତି ଜମାରୁ ଭଲ ନୁହେଁ । ସେ ଅନ୍ୟ କିଛି ଉଦ୍ଦେଶ୍ୟ ରଖି ଏପରି କହିଛି । ମୁଁ ଲୋଭରେ ପଡି ଚାଲିଯାଇଥିଲି, ପୁଣି ମନକୁ ଆସିଲା ଯେ ସାଙ୍ଗକୁ ଏକାକୀ ଛାଡି ଆସିବା ଠିକ ହେଲାନି । ଏଣୁ ଅଧା ବାଟରୁ ଫେରି ଆସିଲି । ବିଲୁଆର କଥା ଶୁଣି ଭାଲୁ ତାକୁ ଆଲିଙ୍ଗନ କଲା । ଭାଲୁ-ବିଲୁଆ ହାତ ଧରାଧରି ହୋଇ ସେମାନଙ୍କ ଗୁମ୍ଫା ଆଡକୁ ଚାଲିଲେ । ଭାଲୁ କହୁଥାଏ ସାଙ୍ଗ ହେବ ତ ଏମିତି।

– ଶୁଭନାରାୟଣ ଶତପଥୀ
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ– ୯୪୩୮୪୩୨୦୨୩

## ଖିଲି ଖିଲି ହସ

ରାମୁ କେନାଲ ପାଖରେ କ'ଣ ଗୋଟେ ଖୋଜୁଥିଲା । ଏହାଦେଖି ତାକୁ ଅକ୍ସୁ ପଚାରିଲା, ଆରେ ରାମୁ କ'ଣ କରୁଛୁ ?
ରାମୁ: ମୁଁ ପାଣିରେ ଟଙ୍କା ଖୋଜୁଛି।
ଅକ୍ସୁ: ହେଲେ ପାଣିରେ କ'ଣ ତୋର ଟଙ୍କା ପଡ଼ିଯାଇଛି କି !
ରାମୁ: ଆରେ ନା।
ଅକ୍ସୁ: ହେଲେ ସେଠି କାହିଁ ଟଙ୍କା ଖୋଜୁଛୁ ?
ରାମୁ: ଆରେ ମୋ ବାପା କହୁଥିଲେ, ତୋତେ ପାଠ ପଢ଼ାଇ ମୋ ଟଙ୍କା ପାଣିରେ ଫୋପାଡ଼ିବା ସହିତ ସମାନ, ସେଥିପାଇଁ ବାପା ପାଣିରେ କେଉଁଠି ଟଙ୍କା ଫୋପାଡ଼ିଛନ୍ତି ତାକୁ ଖୋଜୁଛି।

(ଗ୍ରାହକଟିଏ ଦାଢ଼ି କାଟିବାକୁ ସେଲୁନ୍ ଗଲେ)

ଗ୍ରାହକ : ମୋର ଟିକେ ଦାଢ଼ି କାଟିଦେବ ।
ଦୋକାନୀ: ହଁ ଭାଇ କାଟୁଛି
ଗ୍ରାହକ: ଆରେ ଭାଇ ତୁମେ ଏ କ'ଣ କଲ ? ମୋର ଦାଢ଼ି କାଟୁ କାଟୁ ମୋ ଗାଲରୁ ଚମଡା ଛଡାଇ ଦେଲ !
ଦୋକାନୀ: ଆରେ ଭାଇ ତୁମେ ଚିନ୍ତା କରନି , ମୁଁ କେବଳ ଦାଢ଼ି କଟାର ପଇସା ନେବି।

## ମତାମତ

▸▸ ଗଳ୍ପରେ 'ଉପସ୍ଥିତ ବୁଦ୍ଧି'ରୁ ଜାଣିହେଲା କିପରି ପରିସ୍ଥିତି ଅନୁଯାୟୀ ପଦକ୍ଷେପ ନେବା ହିଁ ବୁଦ୍ଧିମାନର ପରିଚୟ।

– ସନ୍ଦୀପ ମହାପାତ୍ର, ନୟାଗଡ଼

▸▸ 'ସଫଳତା ପଛର ପ୍ରେରଣା' ପାଠଟିରୁ ଯଦି ସଫଳତା ପାଇବାର ଅଛି ତେବେ କାହାକୁ ନିଜର ପ୍ରେରଣାର ଉତ୍ସ ମାନିଲେ ନିଶ୍ଚିତ ରୂପେ ସଫଳତା ମିଳିବ ଏଥିରେ କୌଣସି ସନ୍ଦେହ ନାହିଁ।

–ସାହିଲ୍ ସ୍ୱାଇଁ ,ମହାକାଳପଡ଼ା, କେନ୍ଦ୍ରାପଡ଼ା

▸▸ ତୁମ ତୂଳୀରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା।

–ରଜତ୍ ମିଶ୍ର, ସମ୍ବଲପୁର

## ରଙ୍ଗ ଦିଅ



# ପପ୍‌କର୍ନ ବ୍ରେନ୍

ଆବଶ୍ୟକତାଠାରୁ ଅଧିକ ସମୟ ସୋସିଆଲ ମିଡିଆ ବ୍ୟବହାର କରିବାର ଏକ ପରିଣାମ ହେଉଛି ପପ୍‌କର୍ନ ବ୍ରେନ୍। ଅର୍ଥାତ୍ ଏମିତି ଏକ ଅବସ୍ଥା ଯାହା ପ୍ରଭାବରେ ମସ୍ତିଷ୍କର ଚିନ୍ତାଧାରା ସେକେଣ୍ଡରେ ପରିବର୍ତ୍ତନ ହୋଇଥାଏ। ପ୍ରତ୍ୟେକ କଥାକୁ ସେ ସେକେଣ୍ଡ ଅନୁସାରେ ଦେଖିବା, ଶୁଣିବା ସହ ଚିନ୍ତା କରିଥାଏ। ଖୁବ୍ କମ୍ ସମୟ ମଧ୍ୟରେ ଏତେ ଅଧିକ ଖବର ଓ ସୂଚନା ଜାଣିବାକୁ ଚେଷ୍ଟା କରିଥାଏ ଯାହା ଜଣେ ସାଧାରଣ ମାନବର କ୍ଷମତା ବାହାରେ।

ପପ୍‌କର୍ନବ୍ରେନ୍‌ଅବସ୍ଥାରଶିକାର ହେଲେ ଜଣେ ଯଦି ହଠାତ୍ ବହିଟିଏ ପଢିବା ଆରମ୍ଭ କରୁଛନ୍ତି କିନ୍ତୁ ଗୋଟିଏ ପୃଷ୍ଠା ପଢିବା ପରେ ସେ ମୋବାଇଲ୍ ଦେଖିବା ଆରମ୍ଭ କରିବେ। ଫୋନରେ ବିଭିନ୍ନ ଗ୍ରୁପ୍ ଚେକ୍ କରିବା ପରେ ହଠାତ୍ ଗୀତ ଲଗାଇ ଶୁଣୁଛନ୍ତି, କିଛି ସମୟ ହୋଇଛି ପୁଣି ଏକ ଗୀତ ବଦଳାଉଛନ୍ତି। ଏହାପରେ ପୁଣି ଅନ୍ୟ କିଛି କାମ ମନେ ପଡି ଯାଉଛି ସେଠାରୁ ଉଠି ପଳାଉଛନ୍ତି। ବହୁ ବର୍ଷ ପରେ ବନ୍ଧୁଙ୍କୁ ଦେଖା କରୁଛନ୍ତି କିନ୍ତୁ ଦି'ପଦ କଥା ହେବା ପରେ ଫୋନ୍ ବାହାର କରି ସେଥିରେ ବ୍ୟସ୍ତ ରହୁଛନ୍ତି। ଏହି ଅବସ୍ଥାକୁ କୁହାଯାଏ ପପ୍‌କର୍ନ ବ୍ରେନ୍। ୨୦୧୧ ମସିହାରେ ୱାଶିଂଟନ୍ ୟୁନିଭର୍ସିଟିର ଜଣେ ବୈଜ୍ଞାନିକ ଡାଭିଡ୍ ଲେବି ମାନସିକ ଅବସ୍ଥାକୁ ବୁଝାଇବାକୁ ପ୍ରଥମେ ଏହି ଶବ୍ଦ ବ୍ୟବହାର କରିଥିଲେ। କୌଣସି ବିଷୟ କିମ୍ବା ବିଚାରରେ ସ୍ଥିରତା ନ ଥିଲେ ସେମାନଙ୍କର ଏହି ଅବସ୍ଥା ବୋଲି କୁହାଯାଏ। ଏହା ପ୍ରଭାବରେ ଉଭୟ ପ୍ରଫେସନାଲ ଲାଇଫ୍ ସହ ପାରିବାରିକ ଜୀବନ ମଧ୍ୟ ପ୍ରଭାବିତ ହୋଇଥାଏ। ସ୍ମୃତିଶକ୍ତି କମ୍ ହୋଇଯିବା ଫଳରେ ଛାତ୍ରୀଛାତ୍ରଙ୍କର ପାଠପଢାରେ ଦକ୍ଷତା କମ୍ ହୋଇଯାଏ। ତେଣୁ ଏଭଳି ଅବସ୍ଥାରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com




> ''ପିଲା ପାଠ ପଢ଼ିବା ସମୟରେ ତା' ଆଖିରେ ଆଖିଏ ସ୍ୱପ୍ନ। ନିଜ ଭବିଷ୍ୟତକୁ ନେଇ ସେ ଅନେକ କିଛି ଭାବିଥାଏ। ହେଲେ ସେହି ଅନୁସାରେ ପାଠ ନ ପଢ଼ିଲେ ଭବିଷ୍ୟତର ଆଶା ମଉଳି ଯାଏ। ତେଣୁ ପାଠ ପଢ଼ିବା ସମୟରେ ତାହାକୁ ଭଲ ଭାବରେ ବୁଝି ମନେ ରଖିଲେ ତାହା ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଥାଏ।''

# ପାଠ ମନେ ରହୁ ନ ଥିଲେ...

ଆଜିର ପିଲା କାଲିର ଭବିଷ୍ୟତ। ପିଲାମାନଙ୍କୁ ନେଇ ସେମାନଙ୍କର ମା-ବାପା ଅନେକ ସ୍ୱପ୍ନ ଦେଖନ୍ତି। ପିଲା ପାଠ ପଢ଼ିବ, ଭଲ ଚାକିରି କରିବ ଆଉ ଭବିଷ୍ୟତରେ ଶାନ୍ତିରେ ଜୀବନଯାପନ କରିବ। ପିଲାମାନେ ମଧ୍ୟ ପାଠ ପଢ଼ିବା ସମୟରେ ନିଜର ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖନ୍ତି। କିଏ ଭାବେ ପାଠ ପଢ଼ି ଡାକ୍ତର ହେବ ତ କିଏ ବୈଜ୍ଞାନିକ, ଆଇଏଏସ ଅଫିସର ହେବ ଇତ୍ୟାଦି ଭାବିଥାଏ। କିନ୍ତୁ ସେମାନଙ୍କର ସବୁ ଆଶା ପୂରଣ ହୋଇ ନ ଥାଏ। କାରଣ ପାଠ ପ୍ରସ୍ତୁତିରେ ଅବହେଳା ଭବିଷ୍ୟତକୁ ପ୍ରଭାବିତ କରିଥାଏ। କେତେକ ପିଲା ପାଠକୁ ବେଶ୍ ହାଲକା ଭାବରେ ନିଅନ୍ତି। ଆଉ ଯେତେବେଳେ ରେଜଲ୍ଟ ବାହାରେ ସେମାନେ ଚିନ୍ତା ଗ୍ରାସ କରିବସେ। କାରଣ ସେମାନଙ୍କୁ ଆଶାନୁରୂପ ରେଜଲ୍ଟ ମିଳି ନ ଥାଏ। ତେବେ ପିଲାମାନେ ପାଠ ପଢ଼ିବା ସମୟରେ ତାହାକୁ କିପରି ଭଲ ଭାବରେ ବୁଝିବେ ଆଉ ତାହା ମନେ ରହିବ-ଏ ନେଇ ଯତ୍ନବାନ ହେବା ଦରକାର। ନ ହେଲେ ପରିଶ୍ରମ କରି ଶେଷରେ ନିରାଶ ହେବା ସାର। ପାଠ ମନେ ରହୁ ନ ଥିଲେ ପିଲମାନେ ନିମ୍ନଲିଖିତ ଟିପ୍ସ ପ୍ରତି ଧ୍ୟାନ ଦେଇପାରନ୍ତି।

## ଅସମାଧିତ ପ୍ରଶ୍ନାବଳୀ

ପିଲାଟିଏ ପାଠ ପଢ଼ିବା ସମୟରେ ତା' ମନରେ ପାଠକୁ ନେଇ ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ପଢ଼ିଥିବା ପାଠ ପ୍ରତି ସେ ଯଦି କ୍ଲାସରେ ଠିକ୍ ଭାବରେ ଧ୍ୟାନ ଦେଇ ନ ଥାଏ ଆଉ ତା'ପରେ ଘରେ ଆସି ପଢ଼ିଲା ବେଳେ ତାକୁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ। ତେଣୁ ସ୍କୁଲରେ ପାଠ ପଢ଼ା ହେବା ସମୟରେ ଯଦି ତାହାକୁ ନେଇ ମନରେ କିଛି ପ୍ରଶ୍ନ ଉଠୁଛି ତେବେ ତୁରନ୍ତ ଶିକ୍ଷକଙ୍କୁ ପଚାରି ତାହାର ସମାଧାନ କରିବା ଆବଶ୍ୟକ। ଯଦି ସେହି ପ୍ରଶ୍ନଗୁଡିକ ମନ ଭିତରେ ରହିଗଲା, ତେବେ ତାହା ପୁନଃ ପ୍ରସ୍ତୁତି ବେଳେ ଅସୁବିଧା ସୃଷ୍ଟି କରିଥାଏ। ତେଣୁ ପାଠ ପଢ଼ିବା ବେଳେ ବିଷୟକୁ ଭଲ ଭାବରେ ବୁଝିବା ଦରକାର।

## ମନକୁ ହାଲକା ରଖନ୍ତୁ

ପାଠ ପଢ଼ିବାକୁ କେତେକ ଏକ ବୋଝ ବୋଲି ଭାବନ୍ତି। ହେଲେ ପ୍ରଥମେ ଏଭଳି ଧାରଣା ମନରୁ ଦୂର କରିବା ଦରକାର। କାରଣ ପାଠକୁ ଯଦି ଜଣେ ଠିକ୍ ଭାବରେ ବୁଝିପାରିବ ତେବେ ତାହା ତାକୁ ହାଲ୍‌କା ଲାଗିବ। ଯଦି ସେ ପାଠକୁ ନେଇ ମନରେ ଆଶଙ୍କା ସୃଷ୍ଟି କରିଚାଲେ, ତେବେ ପାଠ ଦିନକୁ ଦିନ ପାହାଡ ସଦୃଶ ଲାଗିବ। ତେଣୁ ପାଠ ପଢ଼ିବା ସମୟରେ ମନକୁ କେବଳ ପାଠରେ କେନ୍ଦ୍ରୀତ କରନ୍ତୁ। ପାଠକୁ ଠିକ୍ ଭାବରେ ବୁଝି ପାରିବେ। ପାଠ ପଢ଼ିବା ସମୟରେ ମନକୁ ହାଲକା ରଖନ୍ତୁ। ଏହାଦ୍ୱାରା ପାଠ ପଢ଼ିବା ପ୍ରତି ମନରେ ଆହୁରି ଆଗ୍ରହ ସୃଷ୍ଟି ହେବ।

## ଆତ୍ମବିଶ୍ୱାସ

ପାଠ ପଢ଼ିବା ସମୟରେ ପାଠ ପ୍ରତି ଆତ୍ମବିଶ୍ୱାସ ରହିବା ନିହାତି ଦରକାର। ନ ହେଲେ ପାଠକୁ ବୁଝିବାରେ ଏବଂ ମନେ ରଖିବାରେ ଅସୁବିଧା ହୋଇଥାଏ। ତେଣୁ କ୍ଲାସରେ ପାଠ ପଢ଼ା ସମୟରେ ହେଉ ଅବା ଘରେ ହୋମ ୱର୍କ କରିବା ବେଳେ ନିଜ ଉପରେ ଏବଂ ପାଠ ଉପରେ ଆତ୍ମବିଶ୍ୱାସ ଦୃଢ଼ ରଖନ୍ତୁ। ଏହାଦ୍ୱାରା ପାଠ ପ୍ରତି ମନ ଲାଗି ରହିବ ଏବଂ ଏଭଳି କାମକୁ ଠିକ୍ ଭାବରେ ସମ୍ପାଦନ କରିପାରିବେ।

## ଲେଖାଲେଖି

କେବଳ ପାଠ ପଢ଼ିଦେଲେ ହେବ ନାହିଁ, ତା'ସହ ଯାହା ପଢୁଛ, ପଢ଼ିବା ପରେ ତାହାକୁ ଲେଖିବା ଦରକାର। ଏହାଦ୍ୱାରା ପାଠ ମନେ ରହେ ଏବଂ ଲେଖିବା ଅଭ୍ୟାସ ଆହୁରି ଦୃଢ଼ ହୋଇଥାଏ। ତେଣୁ ସବୁବେଳେ ପାଠ ପଢ଼ିବା ପରେ ସେଗୁଡିକୁ ଲେଖିଲେ ତାହା ଅଧିକ ମନେ ରହିଥାଏ।

## ନକାରାତ୍ମକ ଭାବନା

ପାଠ ପଢ଼ିବା ସମୟରେ ମନରେ ନକାରାତ୍ମକ ଭାବନା ଆଦୌ ଆଣନ୍ତୁ ନାହିଁ। କାରଣ ଏଭଳି ଭାବନା ମନରେ ଆସିଲେ ପାଠ ପଢ଼ା ପ୍ରତି ଆଗ୍ରହ ଧୀରେ ଧୀରେ କମି ଯାଇଥାଏ। ତେଣୁ ଶାନ୍ତ ତଥା ଥଣ୍ଡା ମନରେ ପାଠ ପଢ଼ନ୍ତୁ। ଏଭଳି କଲେ ପଢୁଥିବା ପାଠ ମନେ ରହିବ।

## ଖାଦ୍ୟପେୟ-ବିଶ୍ରାମ

ପାଠ ପଢ଼ିବା ସହ ନିଜର ଖାଦ୍ୟପେୟ ଏବଂ ବିଶ୍ରାମ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଯଦି ଭୋକ ଲାଗୁଛି ଆଉ ସେହି ସମୟରେ ପାଠ ପଢୁଛନ୍ତି ହୁଏତ ପାଠ ପ୍ରତି ମନ ଲାଗିବ ନାହିଁ। ତେଣୁ ପାଠ ପଢ଼ିବା ପୂର୍ବରୁ କିଛି ଖାଇ ନିଅନ୍ତୁ। ତା'ସହ ଆବଶ୍ୟକ ମୁତାବକ ବିଶ୍ରାମ ମଧ୍ୟ ନିଅନ୍ତୁ।



## ଏମାନେ କ'ଣ କରନ୍ତି...

### ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ ହୁଏ



ପାଠ ପଢ଼ା ପ୍ରତି ମୁଁ ନିଜକୁ ସବୁବେଳେ ଆଲର୍ଟ ରଖେ। କେବେ ହାଲକା ଭାବରେ ନିଏନା। କାରଣ ପାଠପଢ଼ା ସହ ମୋ ଭବିଷ୍ୟତ ନିର୍ଭର କରେ। ତେଣୁ ପାଠ ପଢ଼ିବା ସମୟରେ ମୁଁ ସବୁବେଳେ ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ ହୁଏ। କ୍ଲାସରେ ପଢ଼ା ହେବା ସମୟରେ ପାଠ ଉପରେ ଧ୍ୟାନ ରଖେ। ମନରେ ଯଦି ପାଠକୁ ନେଇ କିଛି ସନ୍ଦେହ ରହିଲା ତେବେ ବିଳମ୍ବ ନ କରି ସାର୍‌ଙ୍କୁ ପଚାରି ବୁଝିନିଏ।

**-ଶକ୍ତି ପ୍ରସାଦ ପାତ୍ର,** କ୍ଲାସ-୭, ଖଡିପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ପୁରୀ

### ଆତ୍ମବିଶ୍ୱାସ ଦୃଢ଼ ହେବା ଦରକାର



ପାଠ ପଢ଼ିବା ସମୟରେ ଆତ୍ମବିଶ୍ୱାସ ଦୃଢ଼ ହେବା ଦରକାର। କାରଣ ପାଠ ପଢ଼ାରେ ମନ ନ ରହିଲେ ତାହା ଦ୍ୱାରା କ୍ୟାରିୟର ପ୍ରଭାବିତ ହୋଇଥାଏ। ଯେହେତୁ ଏବେ ମୁଁ ପାଠ ପଢୁଛି ଆଉ ତାହାକୁ ଆଧାର କରି ମୋ ଭବିଷ୍ୟତ ଗଢ଼ିବି, ତେଣୁ ପାଠକୁ କିପରି ଆୟତ୍ତ କରିବି ତାହା ଉପରେ ଗୁରୁତ୍ୱ ଦେଇଥାଏ। ସ୍କୁଲ ହେଉ କି ଘର ପାଠପଢ଼ାରେ ମୁଁ କେବେ ଅବହେଳା କରେନା। ସବୁବେଳେ ରୁଟିନ୍ ଅନୁଯାୟୀ ପାଠ ପଢ଼େ। ପଢ଼ିବା ସମୟରେ ପାଠ କିପରି ଅଧିକ ମନେ ରହିବ ସେ ନେଇ ବେଶ୍ ସତର୍କ ଥାଏ।

**-ଦିବ୍ୟାଂଶୀ ମହାନ୍ତି,** କ୍ଲାସ-୧୦ମ, ସେଣ୍ଟ ଜାଭିୟର ହାଇ ସ୍କୁଲ, କେଦାରଗୌରୀ ରୋଡ, ଭୁବନେଶ୍ୱର


୧


୨


୩


୪


୬


୮


୫



୭


୧ **ରେୟାନ୍ସ ରାୟ**
କ୍ଲାସ୍- ୧,
ବିଜେଇଏମ୍-୧ ସ୍କୁଲ,
ଭୁବନେଶ୍ୱର


**ଦିବ୍ୟାଂଶ ଶତପଥୀ**
କ୍ଲାସ୍- ୨, ଡିଏଭି ପବ୍ଲିକ
ସ୍କୁଲ, ଇଫ୍‌କୋ,
ପାରାଦ୍ୱୀପ ୨


୩ **ଦିବ୍ୟାଂଶୀ ପ୍ରିୟଦର୍ଶିନୀ**
କ୍ଲାସ୍-୧, ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ
ସ୍କୁଲ, ମଙ୍ଗଳପୁର,
ଯାଜପୁର


**ଲକ୍ଷ୍ମୀପ୍ରିୟା ପ୍ରଧାନ**
କ୍ଲାସ୍- ୬, ସରକାରୀ ୟୁପି
ସ୍କୁଲ, ଭୁବନ,
ଢେଙ୍କାନାଳ ୪


୫ **ସାଦ୍ୟାନ୍ତ ଶତପଥୀ**
କ୍ଲାସ୍-୬, ମଦର୍ସ
ପବ୍ଲିକ ସ୍କୁଲ,
ପୁରୀ


**ଆଦ୍ୟାଶ୍ରୀ ରଥ**
କ୍ଲାସ୍-୬, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଭଞ୍ଜନଗର,
ଗଞ୍ଜାମ ୬


୭ **ଅଂଶୁମାନ ରାଉତ**
କ୍ଲାସ୍- ୬, ସେଣ୍ଟ ଜାଭିୟର୍ସ
ହାଇସ୍କୁଲ, ଖଣ୍ଡଗିରି,
ଭୁବନେଶ୍ୱର


**ଆଶ୍ରିତ ମିଶ୍ର**
କ୍ଲାସ୍-୩, ଏକଲବ୍ୟ
ଶିକ୍ଷାକେନ୍ଦ୍ର,
ନିମାପଡ଼ା ୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ୭ ଦିନରେ ସପ୍ତାଶ୍ଚର୍ଯ୍ୟ

ବିଶ୍ୱର ୭ଟି ସପ୍ତାଶ୍ଚର୍ଯ୍ୟ ସ୍ଥଳୀକୁ ବୁଲିବା ପାଇଁ ଜଣଙ୍କୁ ଅତିକମ୍‌ରେ କେତେଦିନ ଲାଗିବ ବୋଲି ଆମେ ଭାବିପାରିବା ! ଭିନ୍ନ ଭିନ୍ନ ଦେଶକୁ ଯାଇ ମାତ୍ର ୭ ଦିନ ଭିତରେ ସବୁ ସ୍ଥାନ ବୁଲିବା ହୁଏତ ସମସ୍ତଙ୍କୁ ଅସମ୍ଭବ ମନେ ହୋଇପାରେ। ମାତ୍ର ଏମିତି କାମ କରି ଦେଖାଇଛନ୍ତି ଇଜିପ୍ଟର ଜଣେ ବ୍ୟକ୍ତି ମାଗ୍‌ଡି ଇଷା। ୪୫ ବର୍ଷୀୟ ଏହି ବ୍ୟକ୍ତି ଜଣକ ୬ ଦିନ ୧୧ ଘଣ୍ଟା ୫୨ ମିନିଟ୍ ମଧ୍ୟରେ ସବୁ ସପ୍ତାଶ୍ଚର୍ଯ୍ୟ ସ୍ଥାନକୁ ଯାଇ ବୁଲି ଫେରିଛନ୍ତି। ଏଭଳି ଏକ କାମ କରି ସେ ଗିନିଜ୍ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ସେ ପ୍ରଥମେ ଗ୍ରେଟ୍ ୱାଲ ଅଫ୍ ଚାଇନାକୁ ଯାଇଥିଲେ, ତା'ପରେ ଭାରତର ତାଜମହଲ ଓ ଶେଷରେ ମେକ୍ସିକୋର ଚିଚେନ୍ ଇଟ୍‌ଜାରେ ପହଞ୍ଚି ଯାତ୍ରା ଶେଷ କରିଥିଲେ। ଏଭଳି ରେକର୍ଡ କରିବା ନିମନ୍ତେ ତାଙ୍କୁ କେବଳ ବିଭିନ୍ନ ପବ୍ଲିକ୍ ଟ୍ରାନ୍ସପୋର୍ଟ ଆପଣେଇବା ଲାଗି ଅନୁମତି ରହିଥିଲା। ତେଣୁ ସେ ପ୍ରଥମେ ବିମାନରେ ଯିବା ପରେ ବସ୍, ଟ୍ରେନ୍ ଓ ଟାକ୍ସି ଆଦି ମାଧ୍ୟମ ଯୋଗେ ଏସବୁ ସ୍ଥାନକୁ ଯାଇଥିଲେ। ମାଗ୍‌ଡିଙ୍କ ପୂର୍ବରୁ ବ୍ରିଟେନର ଜାମି ମାକ୍ ଡୋନାଲ୍ଡଙ୍କ ନାମରେ ଏହି ରେକର୍ଡ ରହିଥିଲା।

# କବିତା



## ପାଣିଟୋପା

ଟୋପା ଟୋପା ପାଣିଟୋପା
ବରକୋଳି ଟୋପା
ଆକାଶରୁ ଖସିପଡେ କହୁଥିଲା ଅପା।
ଆକାଶରେ କୋଳି ଗଛ ଲଗାଇଛି କିଏ
ମିଠା ମିଠା ବରକୋଳି କହ କିଏ ଖାଏ ?
ଡେଣା ଝାଡି ଉଡିଆସେ ଆକାଶକୁ ପରୀ
କୋଳି ଖାଇ ନିଜ ଘରେ ଯାଆନ୍ତି ସେ ଫେରି ।।
କୋଳିଡାଳ ଦୋହଲିଲେ କୋଳି ଯେତେ ଖସେ
ପାଣି ହୋଇ ଖରାଖିଆ ଏ ମାଟିରେ ମିଶେ ।।
ଟାଣ ହେଲେ କଞ୍ଚାକୋଳି ଝଡ ହୋଇ ଝଡେ
ଆଈ କହେ କୁଆଟେକା(ପଥର)ଆକାଶରୁ ପଡେ ।।
ସକାଳେ ତା ରୂପ ଦିଶେ ସତେ ମୋତି ମାଳି
କୁହୁଡିଆ ହୁଏ ଝୁରା ପାଣିଟୋପା ମିଳି ।।
ଆକାଶରେ ମେଘ କିବା ସେଇ କୋଳି ବଣ
ପରୀଙ୍କ ଡେଣାରୁ ଆସେ ଶୀତଳ ପବନ ?

**– ରବୀନ୍ଦ୍ରନାଥ ମାଝୀ**
ଜୟଦେବ ବିହାର, ଭୁବନେଶ୍ୱର

## ଆସିଛି ବରଷା ରାଣୀ

ଆସିଛି ବରଷା ରାଣୀ,
ଶୁଖିଲା ପୋଖରୀ ଉଠିଲା ଉଚ୍ଛୁଳି
କୂଅରେ ପୂରିଲା ପାଣି।
ଡାକ ଛାଡ଼ିଲେଣି ମଣ୍ଡୁକ ରଜା
ବଗିଚାରେ ମଞ୍ଜି ହେଲାଣି ଗଜା
କୃଷକ ଭାଇର ଦେଖ କି' ମଜା।
ସାଙ୍ଗସାଥୀ ହୋଇ ମେଳ,
ଅସରା ମେଘରେ ଦର ଓଦା ଦେହ
କାଗଜ ଡଙ୍ଗାର ଖେଳ।
ସବୁଜିମା ଭରା କ୍ଷେତ,
ଝାମ୍ପି ମୁଣ୍ଡେ ଦେଇ ପାଣି କାଦୁଅରେ
ଚାଷୀ ଗାଏ ନାନା ଗୀତ।

**– ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ସିମିନଈ, ଢେଙ୍କାନାଳ
ମୋ: ୮୨୪୯୭୮୬୦୯୩

## ଚିତଉ



ନଡ଼ିଆ ଅରୁଆ ବିରି ବଟା ଗୋଳି
ଅତି ଯତନରେ ପିଠଉ
ଛେନାଗୁଡ଼ ପୂର ଦେଇ ପଲମରେ
ମା' ଗଢୁଥିଲେ ଚିତଉ ।
ଦେବୀ ଗେଣ୍ଡେଶୁଣି ପୂଜା କରି ନେଇ
ପାଣିରେ ସେ ପିଠା ପକାଏ
ଗୋଡ଼ ହାତ ଗେଣ୍ଡା ନ କାଟିବା ପାଇଁ
ଘର ଲୋକ ନାଆଁ ଡକାଏ।
କାଳିଆ ସାଆନ୍ତ ସୁନାଚିତା ଲାଗି
ରତନ ବେଦିରେ ହୋଇବେ
ଭକତଜନରେ ଆଶିଷ ଦେଇକି
ଶରଧା ଚିତଉ ଖାଇବେ।
ଏଇ ଉଛବଟି ସୂଚାଏ ଆମକୁ
ଜୀବେଦୟା କଥା ସତରେ
ପରିବେଶ ସ୍ୱଚ୍ଛ ନିରିମଳ କାମେ
ଲାଗିବାକୁ କହେ ଯେତେରେ ।

**– ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା,ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## ବହି ପଢ଼

ମନ ଦେଇ ପିଲେ ବହି ପଢ଼,
ଦେଶ ଦୁନିଆରେ ହୁଅ ବଡ଼।
ଜ୍ଞାନବିଜ୍ଞାନରେ ଉର୍ଦ୍ଧ୍ୱଗାମୀ ହୋଇ
ବିଶ୍ୱ ଦରବାରରେ ଜିଣ ଗଡ଼।
ଧ୍ୟାନ ଧାରଣାର ଅଗ୍ନିସ୍ତୁପ ହୋଇ
ଅଜ୍ଞାନ ତମସା କର ଦୂର।
ଭାଷା ମାତୃଭୂମି ଜାଗି ଉଠୁ ପୁଣି
ଠିଆ ହେଉ ସାହିତ୍ୟର ଗଡ଼।
ବହି ପଢ଼ିପଢ଼ି ଲେଖକଟେ ହୁଅ
ଲେଖାରେ ଲେଖାରେ ହେଉ ଝଡ଼।

**– ଦୀନବନ୍ଧୁ ବେଜ**
ସହିଦ ଲକ୍ଷ୍ମଣ ନାୟକ ହାଇସ୍କୁଲ,
ଶିଖାପାଲ୍ଲୀ, ମାଲକାନଗିର

## ଏଥରର ?

- କେଉଁ ତାପମାତ୍ରାରେ ପାଣି ଫୁଟେ ?
- ଟାଇଟାନିକ୍ ଫିଲ୍ମର ନିର୍ଦ୍ଦେଶକଙ୍କ ନାମ ?
- ପପ୍ ସାମ୍ରାଜ୍ୟର ସମ୍ରାଟ କାହାକୁ କହନ୍ତି ?
- ଦୀର୍ଘତମ ଉପନ୍ୟାସର ନାମ ?
- ଇଲେକ୍‌ଟ୍ରିକ୍ ବଲ୍‌ବ କିଏ ଉଦ୍ଭାବନ କରିଥିଲେ ?

## ଗତଥରର ଉତ୍ତର

- ମାଇକ୍ ଟାଇସନ
- ଘୋଡ଼ା ଦୌଡ଼
- ସୁବର୍ଣ୍ଣ
- ନ୍ୟୁଜିଲାଣ୍ଡ
- ଜେନ୍ ଅଷ୍ଟିନ

## କହିଲ ଦେଖି

ଦେବତାଙ୍କ ମଧ୍ୟେ ଅଟନ୍ତି ସାର
ବାପଥାଇ ପୁଅ ପୂଜା ଆଗର
ସେ କେଉଁ ଠାକୁର ଥନ୍ତଲ ପେଟା
ଉଚ୍ଚା ନୁହନ୍ତି ସେ ବାମନ ବୁଟା
ଚାରୋଟି ହାତକୁ ପଶୁର ମୁହଁ
କିଏସେ ଜାଣିଛ ପିଲାଏ କୁହ ?



**ଉତ୍ତର– ଗଣେଶ**

ପକ୍ଷୀ ନୁହଁଇ ସେ ଅଣ୍ଡାଟି ଦିଏ
ଘର ନ କରେ ପରଘରେ ରହେ
କାନ ନ ଥାଇ ସେ ଶୁଣି ପାରଇ
ପାଦ ନ ଥାଇ ବି ଗତି କରଇ
ଖାଦ୍ୟ ନ ମିଳିଲେ ପବନ ଖାଏ
କହିଲ ପିଲାଏ ତେବେ ସେ କିଏ ?



**ଉତ୍ତର–ସାପ**

ଜଉତିଷ ନୁହେଁ ତିଥି ଜଣାଏ
ଝିଟିପିଟି ନୁହେଁ କାନ୍ଥରେ ଥାଏ
କ୍ଷୀର କି ପେପର ବାଲା ପାଉଣା
ମୋତେ ଦେଖିଦେଲେ ପଡ଼ଇ ଜଣା
ପରବ ଦିନଟି ମୁହିଁ ଜଣାଏ
ମୋ ନାଁ ଗୋଟି କହିବ କିଏ




**ଉତ୍ତର– କ୍ୟାଲେଣ୍ଡର**

**– ଡ. ସଦାନନ୍ଦ ପରିଡ଼ା**
ମୈତ୍ରୀ ନଗର,ଅନୁଗୋଳ
ମୋ: ୮୪୫୬୮୨୮୦୪୯

# ବଡ ଲଲିପପ୍

ଲଲିପପ୍ ଦେଖିଲା ମାତ୍ରେ ତାହାକୁ ଖାଇବାକୁ ପିଲାମାନଙ୍କ ପାଟିରୁ ଲାଳ ଗଡିଥାଏ। ହେଲେ, ଜାଣିଛ କି ସର୍ବବୃହତ୍ ଲଲିପପ୍ କେଉଁ ଦେଶରେ ପ୍ରସ୍ତୁତ ହୋଇଥିଲା ଏବଂ ଏହାକୁ ପ୍ରସ୍ତୁତ କରିବାକୁ କେତେ ସମୟ ଲାଗିଥିଲା ? ଭାରତ ସମେତ କେତେକ ଦେଶରେ ଲଲିପପ୍‌ର ବହୁତ ଚାହିଦା ରହିଛି। ଲଲିପପ୍ ପ୍ରସ୍ତୁତ ଲାଗି ପ୍ରଥମ ମେଶିନ୍ ୧୯୦୮ରେ ଉଦ୍ଭାବନ ହୋଇଥିଲା। ସେହି ସମୟରେ ଏହି ମେଶିନ୍‌ଟି ଏକ ଘଣ୍ଟାରେ ୨୦୦୦ ଲଲିପପ୍ ପ୍ରସ୍ତୁତ କରି ଦେଉଥିଲା। ପରେ ଧିରେ ଧିରେ ଏହି ମେଶିନ୍‌ରେ ବିଭିନ୍ନ ଫ୍ଲେବରଯୁକ୍ତ ଲଲିପପ୍ ପ୍ରସ୍ତୁତ କରାଗଲା ଏବଂ ସ୍ୱାଦାନୁସାରେ ଏହାର ଚାହିଦା ବଢ଼ିବାକୁ ଲାଗିଲା। ୨୦୧୨ରେ ଆମେରିକାର କାଲିଫର୍ଣ୍ଣିଆଠାରେ ସବୁଠାରୁ ବଡ ଲଲିପପ୍ ପ୍ରସ୍ତୁତ କରାଯାଇଥିଲା। ଏହାକୁ ଏକ ଚକୋଲେଟ୍ କମ୍ପାନୀ ପ୍ରସ୍ତୁତ କରିଥିଲା। ଏହି ଲଲିପପ୍‌ର ଓଜନ ୭ ହଜାର ୩ ପାଉଣ୍ଡ ହୋଇଥିବା ବେଳେ ଲମ୍ୱ ୫ଫୁଟ୍ ୧୧ଇଞ୍ଚ ଥିଲା। ସୂଚନା ମୁତାବକ ଯଦି ଜଣେ ବ୍ୟକ୍ତି ଏକୁଟିଆ ଏହି ଲଲିପପ୍‌ଟିକୁ ଖାଇବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ଏକମାସରୁ ଅଧିକ ସମୟ ଲାଗି ପାରେ। ବର୍ତ୍ତମାନ ଟୋଷ୍ଟି ରୋଲ ବିଶ୍ୱରେ ସବୁଠାରୁ ଅଧିକ ଲଲିପପ୍ ଉତ୍ପାଦନ କରୁଥିବା କମ୍ପାନୀ। ଉକ୍ତ କମ୍ପାନୀ ପ୍ରତିଦିନ ପାଖାପାଖି ୧୬କୋଟି ଲୋକଙ୍କ ନିକଟରେ ପହଁଞ୍ଚାଉଛି।




ପାଣ୍ଡା ଏକୁଟିଆ ରୁହେନି ସେ ଦଳବଦ୍ଧ ହୋଇ ରହିବାକୁ ପସନ୍ଦ କରେ। ଆମେରିକା ଏବଂ ଚାଇନାର ବୈଜ୍ଞାନିକମାନେ ଏପରି ମନ୍ତବ୍ୟ ଦେଇଛନ୍ତି। ଗବେଷକମାନେ ଦୁଇବର୍ଷ ପର୍ଯ୍ୟନ୍ତ ପାଞ୍ଚଟି ପାଣ୍ଡାଙ୍କ ଉପରେ ଜିପିଏସ୍ ପଟି ଲଗାଇ ତାଙ୍କ ଗତିବିଧିକୁ ନିରୀକ୍ଷଣ କରୁଥିଲେ। ଗବେଷକମାନେ ଏହି ଗବେଷଣାରେ ଦେଖିବାକୁ ପାଇଲେ ଏଥିରୁ ତିନିଜଣ ପାଣ୍ଡା ଅଧିକ ସମୟ ମିଶିକି ସମୟ ବିତାଉଥିଲେ। ଏହି ଗବେଷଣାରୁ ଜଣାପଡିଲା ଯେ ଏମାନେ ବହୁତ ସାମାଜିକ ପ୍ରାଣୀ ହୋଇଥିବାରୁ ସାଙ୍ଗମେଳିରେ ରହିବାକୁ ବହୁତ ପସନ୍ଦ କରିଥାଏ। ନିଜର କ୍ୟୁଟ୍‌ନେସ ଏବଂ ଦୁଷ୍ଟାମୀ ପାଇଁ ପାଣ୍ଡା ବେଶ୍ ଜଣାଶୁଣା।

# ଖୁସ୍‌ମିଜାଜ୍ ରହୁଥିବା ପ୍ରାଣୀ



ବିଜ୍ଞାନ କୁହୁକ





# ରଙ୍ଗିନ ଛାୟା

ନିକୁଞ୍ଜ ବିହାରୀ ସାହୁ

ମୁନା ସେଦିନ ବାପାଙ୍କ ସାଙ୍ଗରେ ଭୋପାଳ ସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ବୁଲି ଯାଇଥିଲା । ସେ ବିଜ୍ଞାନ କେନ୍ଦ୍ରର ଗ୍ୟାଲେରିରେ ଗୋଟିଏ ପ୍ରଦର୍ଶନ ଦେଖି ଅଟକି ଗଲା ।

ପ୍ରଦର୍ଶନର ନାମ ଲେଖା ଯାଇଥିଲା 'ରଙ୍ଗିନ ଛାୟା' । ପ୍ରଦର୍ଶନରେ ତିନୋଟି ଅଲଗା ଅଲଗା ରଙ୍ଗର ଆଲୋକବତୀ (ବଲବ) ଖଞ୍ଜା ହୋଇଥାଏ । ସେ ତିନୋଟି ରଙ୍ଗ ଥିଲେ : ଲାଲ, ନୀଳ ଓ ସବୁଜ । ସମ୍ମୁଖଭାଗରେ ଏକ ଧଳା ପର୍ଦ୍ଦା ଥାଏ । ମୁନା ପ୍ରଥମେ ସୁଇଚ୍ ଚିପି ଆଲୋକବତି ତିନୋଟିକୁ ଜଳାଇଲା ଏବଂ ପର୍ଦ୍ଦା ସମ୍ମୁଖରେ ଛିଡା ହେଲା । ସତକୁସତ ଦେଖିଲା ପର୍ଦ୍ଦା ଉପରେ ତା'ର ତିନୋଟି ରଙ୍ଗିନ ଛାୟା ସୃଷ୍ଟି ହେଉଛି । ସେ ଛାୟାଗୁଡିକର ରଙ୍ଗ ଥିଲା : ହଳଦୀ, ଗୋଲାପି ଓ ଆକାଶୀୟ ନୀଳ । ମୁନା ଆଶ୍ଚର୍ଯ୍ୟ ହୋଇ ବାପାଙ୍କୁ ପଚାରିଲା , 'ବାପା , ପର୍ଦ୍ଦା ଉପରେ ଏଭଳି ରଙ୍ଗିନ ଛାୟାମାନ ସୃଷ୍ଟି ହେଉଛି କାହିଁକି ?' ବାପା କହିଲେ, 'ଭଲ କଥାଟିଏ ପଚାରିଲୁ ; ବୁଝାଇ କହୁଛି ଶୁଣ । ଏହା ଆଲୋକର ରଙ୍ଗ ମିଶ୍ରଣ ଧର୍ମ ଉପରେ ପର୍ଯ୍ୟବସିତ । ଆଲୋକର ତିନୋଟି ପ୍ରାଥମିକ ରଙ୍ଗ ଥାଏ । ସେଗୁଡିକ ହେଲେ : ଲାଲ, ନୀଳ ଓ ସବୁଜ ।'



ମୁନା ମଝିରେ ବାଧା ଦେଇ ପଚାରିଲା, 'ବାପା, ସେ ତିନୋଟି ରଙ୍ଗକୁ ଆଲୋକର ପ୍ରାଥମିକ ରଙ୍ଗ କୁହାଯାଏ କାହିଁକି ? ବାପା କହିଲେ, 'ଭଲ କଥାଟିଏ ପଚାରିଲୁ । ପ୍ରକୃତରେ ଏହି ତିନୋଟି ବର୍ଣ୍ଣର ଆଲୋକକୁ ପରସ୍ପର ସହିତ ମିଶାଇ ଅନ୍ୟ ଯେକୌଣସି ବର୍ଣ୍ଣର ଆଲୋକ ସୃଷ୍ଟି କରା ଯାଇପାରେ । ତେଣୁ ଏହି ତିନୋଟି ବର୍ଣ୍ଣକୁ ଆଲୋକର ପ୍ରାଥମିକ ରଙ୍ଗ ବୋଲି କୁହାଯାଏ ।' ମୁନା ପୁଣି ପଚାରିଲା, 'ବାପା, ଏହି ତିନୋଟି ବର୍ଣ୍ଣର ମିଶ୍ରଣରେ କି କି ବର୍ଣ୍ଣ ସୃଷ୍ଟି ହୁଅନ୍ତି ?' 'ଲାଲ ଓ ନୀଳ ବର୍ଣ୍ଣର ମିଶ୍ରଣରେ ଗୋଲାପି ବର୍ଣ୍ଣ ; ଲାଲ ଓ ସବୁଜ ବର୍ଣ୍ଣର ମିଶ୍ରଣରେ ହଳଦୀ ବର୍ଣ୍ଣ ଏବଂ ନୀଳ ଓ ସବୁଜ ବର୍ଣ୍ଣର ମିଶ୍ରଣରେ ଆକାଶୀୟ ନୀଳ ବର୍ଣ୍ଣ ସୃଷ୍ଟି ହୁଏ । ଏହି ରଙ୍ଗସବୁକୁ ଆଲୋକର ଦ୍ୱିତୀୟକ ବର୍ଣ୍ଣ କହନ୍ତି । ଅଥଚ ଏ ସମସ୍ତ ବର୍ଣ୍ଣ ମିଶିଗଲେ ଧଳା ରଙ୍ଗ ସୃଷ୍ଟି ହୁଏ, ବାପା ଉତ୍ତର ଦେଲେ ।

ମୁନା ପୁଣି ପଚାରିଲା , 'ବାପା, ତେବେ ଏ ପ୍ରଦର୍ଶନରେ ରଙ୍ଗିନ ଛାୟାମାନ ସୃଷ୍ଟି ହେଉଛି କିପରି ?' ବାପା ଉତ୍ତର ଦେଲେ, 'ଭଲ ପ୍ରଶ୍ନଟିଏ ପଚାରିଲୁ, ବୁଝାଇ କହୁଛି ଶୁଣ । ପରଦା ସମ୍ମୁଖରେ କୌଣସି ଅବରୋଧକ ନ ଥିଲେ ପରଦା ଉପରେ ଆଲୋକରେ ତିନୋଟି ପ୍ରାଥମିକ ରଙ୍ଗକୁ ସୂଚନା କରୁଥିବା ବତିସବୁର ଆଲୋକର ପରଦା ଉପରେ ମିଶ୍ରଣ ଘଟି ପରଦା ଧଳା ରଙ୍ଗର ଦେଖାଯାଏ । ମାତ୍ର ଜଣେ ଲୋକ ପ୍ରଦର୍ଶନରେ ଆଲୋକବତି ଗୁଡିକ ସମ୍ମୁଖରେ ଛିଡାହେଲେ ସେ ଗୋଟିଏ ରଙ୍ଗର ଆଲୋକବତିକୁ ପରଦା ଉପରେ ପଡିବାରୁ ଅବରୋଧ କରିଥାନ୍ତି, ଅର୍ଥାତ ସେ ରଙ୍ଗର ଆଲୋକ ପରଦା ଉପରେ ପଡିପାରେ ନାହିଁ । ତେଣୁ ପରଦା ଉପରେ କେବଳ ଦୁଇଟି ରଙ୍ଗର ଆଲୋକ ପଡି ରଙ୍ଗ ମିଶ୍ରଣର ନିୟମ ଅନୁସାରେ ଦ୍ୱିତୀୟକ ବର୍ଣ୍ଣ ସୃଷ୍ଟି ହୋଇଥାଏ । ଏହି ନିୟମ ଅନୁସାରେ ପର୍ଦ୍ଦାର ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ଅଲଗା ପ୍ରାଥମିକ ରଙ୍ଗର ମିଶ୍ରଣ ଘଟି ଅନ୍ୟ ଦ୍ୱିତୀୟକ ବର୍ଣ୍ଣମାନ ସୃଷ୍ଟି ହୋଇଥାନ୍ତି ।' ମୁନା ପୁଣି ପଚାରିଲା, 'ବାପା, ବୁଝି ପାରିଲି । ହେଲେ, କେଉଁ କେଉଁ ରଙ୍ଗର ଆଲୋକ ଅବରୋଧ ହେଲେ କିଭଳି ରଙ୍ଗମାନ ସୃଷ୍ଟି ହୁଏ ମୋତେ ଟିକିଏ ବୁଝାଇ କୁହନ୍ତୁ । 'ବାପା କହି ଚାଲିଲେ, 'ମନେକର ଦର୍ଶକର ଶରୀର ଦ୍ୱାରା ଲାଲ ରଙ୍ଗର ଆଲୋକ ପରଦା ଉପରେ ପଡି ପାରିଲା ନାହିଁ । ଅର୍ଥାତ କେବଳ ନୀଳ ଓ ସବୁଜ ରଙ୍ଗର ଆଲୋକ ପରଦା ଉପରେ ପଡିଲେ । ରଙ୍ଗ ମିଶ୍ରଣର ନିୟମ ଅନୁସାରେ ସେଠାରେ ଏକ ଆକାଶୀୟ ନୀଳ ରଙ୍ଗର ଦ୍ୱିତୀୟକ ବର୍ଣ୍ଣ ସୃଷ୍ଟିହେବ । ସେହିପରି, ନୀଳ ରଙ୍ଗର ଆଲୋକ ଅବରୋଧ ହେଲେ କେବଳ ଲାଲ ଓ ସବୁଜ ରଙ୍ଗର ଅଲୋକ ମିଶି ହଳଦି ବର୍ଣ୍ଣ ଏବଂ ସବୁଜ ରଙ୍ଗର ଆଲୋକ ଅବୋରୋଧ ହେଲେ କେବଳ ଲାଲ ଓ ନୀଳ ରଙ୍ଗର ଆଲୋକ ମିଶି ଆକାଶୀୟ ନୀଳ ବର୍ଣ୍ଣ ସୃଷ୍ଟି ହୋଇଥାଏ । ' ମୁନା ପୁଣି ପଚାରିଲା , 'ବୁଝିଗଲି, ହେଲେ ଗୋଟିଏ କଥା ମୋତେ କୁହନ୍ତୁ: ଆମର ଦୈନିକ ଜୀବନର କେଉଁ କେଉଁ କ୍ଷେତ୍ରରେ ରଙ୍ଗ ମିଶ୍ରଣର ଏ ନିୟମ ପ୍ରୟୋଗ କରା ଯାଇଥାଏ ?' ବାପା କହିଲେ, 'ଭଲ ପ୍ରଶ୍ନଟିଏ ପଚାରିଲୁ । ବୁଝାଇ କହୁଛି ଶୁଣ । ରଙ୍ଗିନ ଟିଭି , କମ୍ପ୍ୟୁଟର ଓ ମୋବାଇଲ ଫୋନର ପର୍ଦ୍ଦା ତଥା ଫିଲ୍ମ ପ୍ରୋଜେକ୍ଟର୍ ରେ ବିଭିନ୍ନ ରଙ୍ଗ ସୃଷ୍ଟି କରିବା ପାଇଁ ଆଲୋକର ରଙ୍ଗ ମିଶ୍ରଣର ଏହି ନିୟମ ପ୍ରୟୋଗ କରାଯାଇଥାଏ ।' ମୁନା ରଙ୍ଗିନ ଛାୟା ଓ ରଙ୍ଗ ମିଶ୍ରଣର ରହସ୍ୟ ସମ୍ପର୍କରେ ଅନେକ କଥା ଏଥର ବୁଝି ପାରିଥିଲା । ତେଣୁ ଘରକୁ ଫେରିଲା ବେଳକୁ ତା'ର ମନ ଭାରି ଖୁସି ଥିଲା ସେଦିନ ।

—ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ,
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଆ ଇ ନା



ଲକ୍ଷ୍ମୀପ୍ରିୟା ପ୍ରଧାନ
୧୧ ବର୍ଷ/ଢେଙ୍କାନାଳ



ଆଦିଦେବ ମହାପାତ୍ର
୩ ବର୍ଷ/ଯାଜପୁର